## ଉନ୍ନତ ପ୍ରଣାଳୀରେ

# ଅମୃତଭଣ୍ଡା ଚାଷ


ସୁଜିତ୍ କୁମାର ମୁଖି

ନାରାୟଣ ବାର



୨୦୨୪





କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ଆମ ରାଜ୍ୟର ସମସ୍ତ ଅଞ୍ଚଳରେ ଅମୃତଭଣ୍ଡା ଚାଷ କରାଯାଇପାରିବ । ଖାଦ୍ୟ ହିସାବରେ ଏହା ଅତ୍ୟନ୍ତ ପୁଷ୍ଟିକର । ଏହା କଞ୍ଚା ପରିବା ଓ ପାଚିଲା ଫଳ ହିସାବରେ ବ୍ୟବହାର କରାଯାଇଥାଏ । ଘରକୁ ଲାଗିଥିବା ବଗିଚାରେ ୨/୩ଟି ଅମୃତଭଣ୍ଡା ଗଛ ଲଗାଉଥିଲେ ନିଜ ଘରର ଚାହିଦା ବର୍ଷସାରା ଚଳାଇହେବ । ବର୍ଷସାରା ଏହି ଗଛରୁ ଫଳ ମିଳିଥାଏ ଓ ଗଛ ଲଗାଇବାର ୬ ମାସ ପରେ ଫଳ ମିଳିଥାଏ । ଏଥିରେ ଭିଟାମିନ୍ 'ଏ' ଓ 'ସି' ପ୍ରଚୁର ପରିମାଣରେ ଥାଏ । କଞ୍ଚା ଅମୃତଭଣ୍ଡାରୁ ପାପାଇନ୍ ସଂଗ୍ରହ କରି ବିଭିନ୍ନ ପ୍ରକାରର ଔଷଧ ଓ ପ୍ରସାଧାନ ସାମଗ୍ରୀ ପ୍ରସ୍ତୁତ କରାଯାଏ । କୋଷ୍ଠ କାଠିନ୍ୟ ହେବା ସମୟରେ କଞ୍ଚା ଓ ପାଚିଲା ଅମୃତଭଣ୍ଡା ଖାଇଲେ ଆରାମ ମିଳେ । ଅମୃତଭଣ୍ଡାରୁ ଜାମ୍ ଓ ଜେଲି ମଧ୍ୟ ପ୍ରସ୍ତୁତ କରାଯାଇଥାଏ ।

### ଉତ୍ପତ୍ତି :

ଆମେରିକାର ଗ୍ରୀଷ୍ମ ମଣ୍ଡଳୀୟ ଅଞ୍ଚଳରୁ ଏହାର ଉତ୍ପତ୍ତି । ଭାରତ ବର୍ଷକୁ ଏହା ୧୬୦୦ ଶତାବ୍ଦୀରେ ଆସିଥିଲା ।

### ଜଳବାୟୁ :

ଉଷ୍ଣ ଓ ଆର୍ଦ୍ର ଜଳବାୟୁ ଅମୃତଭଣ୍ଡା ଚାଷ ପାଇଁ ଅନୁକୂଳ । ସମୁଦ୍ର ପତନ ଠାରୁ ୧୦୦୦ ମିଟର ଉଚ୍ଚତାରେ ଅବସ୍ଥିତ ଅଞ୍ଚଳ ମାନଙ୍କରେ ମଧ୍ୟ ଏହା ଚାଷ କରାଯାଇପାରେ । ୧୦° ସେଣ୍ଟିଗ୍ରେଡ୍‌ରୁ କମ୍ ଉତ୍ତାପ ହେଲେ ଫଳ ପାକଳ ଓ ପାଚିବାରେ ବିଳମ୍ବ ଘଟେ ଏବଂ ଗଛ ବୃଦ୍ଧିରେ ବ୍ୟାଘାତ ଘଟେ । ଅତ୍ୟଧିକ ଉତ୍ତାପ (୪୦° ସେଣ୍ଟିଗ୍ରେଡ୍‌ରୁ ଅଧିକ) ପ୍ରବାହ ହେଲେ ଫୁଲ ଓ ଫଳ ଧରିବାରେ ବ୍ୟାଘାତ ଘଟେ ଓ ଭୂତାଣୁ ଜନିତ ରୋଗରେ ଗଛ ଆକ୍ରାନ୍ତ ହୁଏ । ଯେଉଁ ଅଞ୍ଚଳରେ ଖରାଦିନେ ଉତ୍ତାପ ୩୫°-୩୮° ସେଣ୍ଟିଗ୍ରେଡ୍ ମଧ୍ୟରେ ପ୍ରବାହିତ ହୁଏ ସେହି ଅଞ୍ଚଳରେ ଅମୃତଭଣ୍ଡା ଭଲ ହୋଇଥାଏ ।

### ମୃତ୍ତିକା :

ଅମୃତଭଣ୍ଡା ଗଛ ମୂଳରେ ୨/୪ ଇଞ୍ଚ ପାଣି କିଛି ସମୟ ପାଇଁ ଜମି ରହିଲେ ଗଛ ଗୁଡ଼ିକ କାଣ୍ଡସଢ଼ା ରୋଗରେ ଆକ୍ରାନ୍ତ

ହୋଇ ମରିଯାଇଥାଏ । ତେଣୁ ଗଛ ଲଗାଇବା ସ୍ଥାନ ଉଚ୍ଚା, ନିଗିଡ଼ା ହେବା ଉଚିତ୍ । ଦୋରସା ପଟୁମାଟି ଓ ଦୋରସା ବାଲିମାଟି ଏହାର ଚାଷ ପାଇଁ ଉପଯୁକ୍ତ ଅଟେ ।

## ଉନ୍ନତ କିସମ :

ଅମୃତଭଣ୍ଡାର ବହୁତ କିସମ ଅଛି । ପ୍ରଧାନ କିସମ ଗୁଡ଼ିକ ହେଲା:- ହନିଡିଉ, କୁର୍ଗ ହନିଡିଉ, କୋଇମ୍ବାଟୁର-୧, ୨, ୩, ୪, ୫ ଓ ୭, ୱାଶିଙ୍ଗ୍‌ଟନ୍, ସନ୍‌ରାଇଜ୍ ସୋଲୋ, ରାଞ୍ଚି, ପୁଷା ଡେଲିସିଅସ୍, ପୁଷା ମେଜେଷ୍ଟି, ପୁଷା ନନ୍‌ହା, ପୁଷା ଜ୍ୟାଣ୍ଟ, ପୁଷା ୱାର୍ଫ, ସୋଲୋ ଓ ସୂର୍ଯ୍ୟ ଇତ୍ୟାଦି । ଉପରୋକ୍ତ କିସମ ଗୁଡ଼ିକ ଆମ ରାଜ୍ୟରେ ଚାଷ କରାଯାଇପାରେ । ସଙ୍କର କିସମ ମଧ୍ୟରେ ଲାଲ୍ ପୁରୀ, ରେଡ୍ ଲେଡି ପ୍ରଭୃତି ଅନ୍ୟତମ ।

## ବଂଶ ବିସ୍ତାର :

ଅମୃତଭଣ୍ଡା ସାଧାରଣତଃ ମଞ୍ଜି ଦ୍ୱାରା ବଂଶ ବିସ୍ତାର ହୋଇଥାଏ । ଭଲ ହୃଷ୍ଟପୁଷ୍ଟ ଅଧିକ ଫଳଥିବା ଗଛରୁ ମଞ୍ଜି ସଂଗ୍ରହ କରାଯାଏ । ନିର୍ଭର ଯୋଗ୍ୟ ନର୍ସରୀରୁ ମଧ୍ୟ ମଞ୍ଜି ସଂଗ୍ରହ କରାଯାଏ । ତେବେ ମଞ୍ଜି ତୋଳାଠାରୁ ଦୁଇ ମାସ ମଧ୍ୟରେ ତଳି ପକାଯାଏ । ଏକ ହେକ୍ଟର ଜମି ପାଇଁ ୫୦୦ ଗ୍ରାମ୍ ମଞ୍ଜି ଦରକାର ହୁଏ ।

## ଚାରା ପ୍ରସ୍ତୁତି :

୧୦ ଫୁଟ ଲମ୍ବ, ୩ ଫୁଟ ପ୍ରସ୍ଥ ଓ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରି ୨ ଇଞ୍ଚ ବ୍ୟବଧାନରେ ଧାଡ଼ିରେ ୦.୫ ଇଞ୍ଚ ଗଭୀରରେ ମଞ୍ଜିକୁ ଥିରାମ୍‌ରେ ବିଶୋଧନ କରି ପକାଯାଏ । ବର୍ଷାଦିନ ହୋଇଥିଲେ ପଟାଳୀ ଉପରେ ପଲିଥିନ୍ ଘୋଡ଼ାଇ ଦିଆଯାଏ । ମଞ୍ଜି ଗଜା ହେବାକୁ ପ୍ରାୟ ୩ ସପ୍ତାହ ସମୟ ଲାଗେ । ଚାରା ଗଛ ୨/୩ ପତ୍ର ହେଲାପରେ ୧୫୦ ଗେଜ୍‌ର ୪ ଇଞ୍ଚ x ୬ ଇଞ୍ଚ ସାଇଜର ପଲିଥିନ୍ ମୁଣାରେ ଖତମିଶା ମାଟି ପୁରାଇ ତଳି ଘରାରୁ ଚାରା ଗୁଡ଼ିକୁ ପଲିଥିନ୍ ମୁଣାକୁ ଉଠାଇ ଦିଆଯାଏ । ଚାରା ୬ ଇଞ୍ଚରୁ ୮ ଇଞ୍ଚ ଉଚ୍ଚ ହୋଇ ୭/୮ ଟି ପତ୍ର ଧରିଲେ ଲଗାଇବା ପାଇଁ ଉପଯୁକ୍ତ ହୁଏ ।

**ଚାରା ଲଗାଇବା ସମୟ :**

ଜୁନ୍-ଜୁଲାଇ, ସେପ୍ଟେମ୍ବର-ଅକ୍ଟୋବର ଓ ଫେବୃୟାରୀ-ମାର୍ଚ୍ଚ ମାସ ଚାରା ଲଗାଇବା ପାଇଁ ଉପଯୁକ୍ତ ସମୟ ଅଟେ ।

**ଜମି ପ୍ରସ୍ତୁତି ଓ ଚାରା ରୋପଣ :**

ପ୍ରଥମେ ଜମିକୁ ଭଲ କରି ୩/୪ ଓଡ଼ ଚାଷ କରନ୍ତୁ । ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୬ ଫୁଟରୁ ୭ ଫୁଟ ବ୍ୟବଧାନରେ ୧.୫ x ୧.୫ x ୧.୫ ଫୁଟ ଆକାରରେ ଖାତ ଖୋଳି ଖାତକୁ ଉଇମରା ଔଷଧ ଦେଇ ବିଶୋଧନ କରନ୍ତୁ । ଖାତଗୁଡ଼ିକରୁ ବାହାରିଥିବା ଉପର ମାଟି ଓ ଖତ ୩:୧ ଅନୁପାତ ସହିତ ୟୁରିଆ ୧୫୦ ଗ୍ରାମ୍, ସିଙ୍ଗଲ୍ ସୁପର ଫସ୍‌ଫେଟ୍ – ୩୫୦ ଗ୍ରାମ୍ ଓ ମ୍ୟୁରେଟ୍ ଅଫ୍ ପଟାସ୍ – ୯୦ ଗ୍ରାମ୍ ମିଶ୍ରଣ କରି ଖାତ ପୂରଣ କରନ୍ତୁ । ଖାତ ପ୍ରତି ଉଭୟ ଲିଙ୍ଗୀ କିସମ ଚାରା ହୋଇଥିଲେ ଗୋଟିଏ କରି ଚାରା ଲଗାଯାଏ । କିନ୍ତୁ ମାଈ ଓ ଅଣ୍ଡିରା ଫୁଲ ଅଲଗା ଅଲଗା ଆସୁଥିବା କିସମ (ଡାଇଓସିଅସ୍) ହୋଇଥିଲେ ଗୋଟିଏ ଖାତରେ ତ୍ରିଭୁଜ ଆକାରରେ ୩୦ ସେ.ମି. ବ୍ୟବଧାନରେ ୩ ଗୋଟି ଚାରା ଲଗାଇବା ଉଚିତ୍ । ୫/୬ ମାସ ପରେ ଗଛରେ ଫୁଲ ଧରିଲେ ପ୍ରତି ଖାତରେ ମାଈ ଗଛ ଗୋଟିଏ ରଖି ଅନ୍ୟ ଗଛକୁ ଉଠାଇ ଦିଆଯାଏ । କିନ୍ତୁ ପ୍ରତି ୯ଟି ମାଈ ଗଛ ପାଇଁ ଗୋଟିଏ ଅଣ୍ଡିରା ଗଛ ରଖାଯିବା ବିଧେୟ । ହେକ୍ଟର ପ୍ରତି ୨୨୬୭-୩୦୮୬ ଟି ଗଛ ଲଗାଯାଏ ।

**ଖତ ଓ ସାର :**

ଚାରା ଲଗାଇବା ଠାରୁ ୯୦ ଦିନ ଅନ୍ତରରେ ଗଛ ପ୍ରତି ଥରକୁ ୧ ଝୁଡ଼ି ଖତ ଓ ଜିଆଖତ ମିଶ୍ରଣ (୧:୧) ସହିତ ୟୁରିଆ ୧୫୦ ଗ୍ରାମ୍, ସିଙ୍ଗଲ ସୁପର ଫସ୍‌ଫେଟ୍ ୩୦୦ ଗ୍ରାମ୍ ଓ ମ୍ୟୁରେଟ୍ ଅଫ୍ ପଟାସ୍ ୮୦ ଗ୍ରାମ୍ ଲେଖାଏଁ ବର୍ଷକୁ ୩ ଥର ହିସାବରେ ଦିଆଯାଏ । ଦ୍ୱିତୀୟ ଓ ତୃତୀୟ ବର୍ଷ ମଧ୍ୟ ଉପରୋକ୍ତ ଅନୁମୋଦିତ ଖତ ଓ ସାରକୁ ଗଛର ଚାରିପଟେ କୋଡ଼ାଖୁସା କରି ଦେବା ଆବଶ୍ୟକ ।

## ଜଳସେଚନ :

ବିନା ଜଳସେଚନରେ ଅମୃତଭଣ୍ଡାର ବ୍ୟବସାୟିକ ଚାଷ ଲାଭଜନକ ନୁହେଁ । ଗୋଟିଏ ଫଳନ୍ତି ଗଛ ଦିନକୁ ପ୍ରାୟ ୧୦-୧୨ ଲିଟର ପାଣି ଦରକାର କରିଥାଏ । ମାଟିର ବତର ଓ ପାଗ ଦେଖି ଖରାଦିନେ ୫-୭ ଦିନ ଓ ଶୀତଦିନେ ୧୦-୧୫ ଦିନ ବ୍ୟବଧାନରେ ଜଳସେଚନ କରାଯାଏ । ଗଛ ମୂଳକୁ ଉଚ୍ଚା କରି ଓ ଗଛ ଚାରିପଟେ ମଳା କରି ୩୦ ସେ.ମି. ଦୂରରେ ଜଳସେଚନ କଲେ ଗଛ ଗୁଡ଼ିକ ଅଧିକ ଅମଳ ଦିଏ । ଅମୃତଭଣ୍ଡା ବହୁତ ଜଳ ଦରକାର କରୁଥିଲେ ମଧ୍ୟ ମୂଳରେ ପାଣି ଲାଗିଥିଲେ ଗଛ ମରିଯାଏ । ସେଥିପାଇଁ ବିଶେଷ କରି ବର୍ଷାଦିନେ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ବୁନ୍ଦା ଜଳସେଚନ କଲେ ଅମୃତଭଣ୍ଡାରୁ ବେଶି ଲାଭ ମିଳେ ।

## ରୋଗ, ପୋକ ଓ ତା'ର ପରିଚାଳନା :

୧. **କାଣ୍ଡ ପଚା ରୋଗ :** ଏହି ରୋଗ ହେଲେ ଗଛମୂଳ ପାଖ କାଣ୍ଡରେ ପାଣି ଛାପା ପରି ଦାଗମାନ ଦେଖାଯାଏ । ଏହି ଦାଗଗୁଡ଼ିକ ବଡ଼ ଆକାର ହୋଇ ଗଛ ମୂଳ ଅଂଶରେ ମାଟିକୁ ଲାଗିଥିବା କାଣ୍ଡ ଅଂଶକୁ ଖାଇଯାଏ । ଗଛ ଖୁବ୍ କମ୍ ସମୟରେ ମରିଯାଏ । ଏଥିପାଇଁ ଗଛ ମୂଳରେ ଯେପରି ପାଣି ଜମି ନରହେ ସେଥିପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଅନ୍ତୁ । ଠିକ୍ ବର୍ଷାଦିନ ଆରମ୍ଭରୁ ୧% ବୋର୍ଡ଼କ୍ସ ଦ୍ରବଣ ଗଛମୂଳ ଚାରିପାଖରେ ଢାଳି ଭିଜାଇ ଦିଅନ୍ତୁ କିମ୍ବା ବ୍ଲାଇଟକ୍ସ ଅଥବା କପର ଅକ୍ସିକ୍ଲୋରାଇଡ୍ ଗୁଣ୍ଡ ଏକ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ଦ୍ରବଣ ପ୍ରସ୍ତୁତ କରି ଗଛମୂଳରେ ଢାଳି ଭିଜାନ୍ତୁ ଓ ଆକ୍ରାନ୍ତ ଅଂଶକୁ ସିଞ୍ଚନ କରନ୍ତୁ ।

୨. **ଆନ୍ଥ୍ରାକ୍‌ନୋଜ୍ :** ଏହି ରୋଗ ହେଲେ ପତ୍ର ଓ ଫଳରେ ଦାଗ ହୁଏ । ଏହି ରୋଗର ନିରାକରଣ ପାଇଁ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ । ଫଳ ଅମଳର ୧୫ ଦିନ ପୂର୍ବରୁ ଏହି ଦ୍ରବଣ ସ୍ପ୍ରେ କଲେ ଅମଳ ପରେ ଆନ୍ଥ୍ରାକ୍‌ନୋଜ୍ ରୋଗ ଦେଖାଯାଏ ନାହିଁ ।

**୩. ପତ୍ରମୋଚା :** ଏହି ରୋଗରେ ଆକ୍ରାନ୍ତ ଗଛ ବଢ଼େ ନାହିଁ । ପତ୍ର ମୋଚା ମୋଚା ହୋଇଯାଏ । ଏହା ଏକ ଭୂତାଣୁ ଜନିତ ରୋଗ ଏବଂ ଏହା ଧଳାମାଛି ଦ୍ୱାରା ସଂକ୍ରମିତ ହୋଇଥାଏ । ଏଥିପାଇଁ ଆକ୍ରାନ୍ତ ଗଛକୁ ଉପାଡ଼ି ପୋତି ଦିଅନ୍ତୁ । ଲଙ୍କା, ବାଇଗଣ, ବିଲାତି ବାଇଗଣ, କ୍ୟାପ୍‌ସିକମ୍ ବଗିଚା ପାଖରେ ଚାଷ କରନ୍ତୁ ନାହିଁ ।

**୪. ସାହେବୀ ରୋଗ :** ଏହି ରୋଗ ହେଲେ ଗଛର ଅଗପତ୍ର ଛୋଟ ଓ ଛବିଲା ହୋଇଯାଇ ଗଛ ବଢ଼େ ନାହିଁ । ଏହା ଜଉପୋକ ଦ୍ୱାରା ସଂକ୍ରମିତ ହୋଇଥାଏ । ଏହାର ପରିଚାଳନା ପାଇଁ ପ୍ରଥମେ ରୋଗ ଗଛକୁ ବଗିଚାରୁ ବାହାର କରି ଦିଅନ୍ତୁ । ଜଉପୋକ ନିୟନ୍ତ୍ରଣ ପାଇଁ ଫସଲରେ ନିମାଜଲ୍ (୫ ମି.ଲି./ଲିଟର ପାଣିରେ) କିମ୍ବା ଡାଇମିଥୋଏଟ୍ (୨ ମି.ଲି./ଲିଟର ପାଣିରେ) ସ୍ପ୍ରେ କରାଯାଏ ।

## ଅମୃତଭଣ୍ଡା ଚାଷରେ ଲାଭକ୍ଷତି :

ଭଲ ଭାବରେ ଅମୃତଭଣ୍ଡା ଚାଷ କଲେ ହେକ୍ଟର ପିଛା ପ୍ରଥମ ବର୍ଷରେ ଟ.୧,୨୫,୦୦୦/-, ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷ ଟ.୭୫,୦୦୦/- ଖର୍ଚ୍ଚ ହୋଇଥାଏ । ଏକ ହେକ୍ଟର ଅମୃତଭଣ୍ଡା ଚାଷରୁ ତିନି ବର୍ଷରେ ପ୍ରାୟ ଟ.୫,୭୦,୦୦୦/- ମୋଟ ଆୟ ହୋଇଥାଏ । ଗୋଟିଏ ଗଛରୁ ୩ ବର୍ଷ ପର୍ଯ୍ୟନ୍ତ ଫଳ ମିଳିଥାଏ ।

## ଅମଳ :

ଆବଶ୍ୟକୀୟ ଯତ୍ନ ନେଇ ଅମୃତଭଣ୍ଡା ଚାଷ କଲେ ଗଛ ପ୍ରତି ହାରାହାରି ୩୦ ରୁ ୪୫ କି.ଗ୍ରା. ବା (୪୦ ରୁ ୭୫ ଗୋଟି ଫଳ) ଏବଂ ହେକ୍ଟର ପ୍ରତି ବାର୍ଷିକ ୬୦୦ ରୁ ୭୦୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ ।

## ସହାୟତା :

ଅମୃତଭଣ୍ଡା ଚାଷ ସମ୍ବନ୍ଧୀୟ ଜ୍ଞାନ ତଥା ସହାୟତା ପାଇଁ ଜାତୀୟକରଣ ବ୍ୟାଙ୍କ, ନେସ୍‌ନାଲ୍ ହର୍ଟିକଲ୍‌ଚର ବୋର୍ଡ଼, ନାବାର୍ଡ଼, ଆପିକଲ୍ ତଥା ନିକଟସ୍ଥ ଉଦ୍ୟାନ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରାଯାଇପାରେ ।

2024100324